## ଜମି ହୁଡ଼ା ଖୋଳିବାକୁ ନେଇ ଆକ୍ରମଣ

ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ରାମଚନ୍ଦ୍ରପୁର ଗ୍ରାମରେ ଜମି ହୁଡ଼ା ଖୋଳିବାକୁ କେନ୍ଦ୍ରକରି ୨ ଜମି ମାଲିକଙ୍କ ମଧ୍ୟରେ ବିବାଦରୁ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ସୁଦର୍ଶନ ଗୌଡ (୬୦) । ଜମିରେ କାମ କରୁଥିବା ଅନ୍ୟମାନେ ସୁଦର୍ଶନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

**ସଂକ୍ଷେପରେ**

## ଇଟା ଫ୍ୟାକ୍ଟ୍ରିରୁ ସିସିଟିଭି, ଟ୍ରାକ୍ଟର ବ୍ୟାଟେରି ଚୋରି

ବ୍ରହ୍ମପୁର, ୨୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ବରପୁଲିରେ ଥିବା ଏକ ଇଟା ଫ୍ୟାକ୍ଟ୍ରି ବାହାରେ ଥିବା ଏକ ଟ୍ରାକ୍ଟରର ଦୁଇଟି ଚକା ଓ ଗୋଦାମ ଘର ତାଲା ଭାଙ୍ଗି ସିସିଟିଭି, ମେସିନ ଓ ଦୁଇଟି ବ୍ୟାଟେରି ଚୋରି ହୋଇଛି। ଏନେଇ ମାଲିକ ଉତ୍ତମ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ନଂ.୩୦୬/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଝାଡାଙ୍ଗୁଲି ନିକଟ ସାତକୂଟଣୀ ଗ୍ରାମର ଉତ୍ତମ ସାହୁଙ୍କ ବରପୁଲିରେ ଏକ ଇଟା ଫ୍ୟାକ୍ଟ୍ରି ରହିଛି। ଗତ ୨୫ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଗୋଦାମ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରା ଓ ମେସିନ ଚୋରି କରି ନେଇଯାଇଥିଲେ। ସେହିପରି ସେଠାରେ ପାର୍କିଂରେ ରଖାଯାଇଥିବା ତାଙ୍କ ଟ୍ରାକ୍ଟରର ଦୁଇଟି ଚକା ବାହାର କରି ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଅଞ୍ଚଳରେ କିଛି ଦିନ ହେଲା ଘନ ଘନ ଚୋରି ହେବାରେ ଲାଗିଛି। ପୋଲିସ ପକ୍ଷରୁ ସଜାଗ ନହେଲେ ଆଗାମୀ ଦିନରେ ଚୋରି ବଢ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେଣୁ ପୋଲିସ ପାଟ୍ରୋଲିଂ ପାଇଁ ଦାବି ହେଉଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ବେଲଗୁଣ୍ଠା, ୨୬।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ ହୋଇଛି। ମଙ୍ଗଳପୁର ନିକଟସ୍ଥ ଏକ ଧାନ ବିଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବେଲଗୁଣ୍ଠା ଥାନାଧିକାରୀ ବନ ବିହାରୀ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଯୁବକଙ୍କ ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ପୋଲିସ୍ କହିଛି।

## ବାଲି ବୋଝେଇ ହାଇୱା ଜବତ

ଆସିକା, ୨୬।୧୧(ସୁରେନ୍ଦ୍ର ନାଥ ସାହୁ):

ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ଟି ହାଇୱାକୁ ପଢାଳ-ଜୟପୁର ରାସ୍ତାରୁ ମଙ୍ଗଳବାର ଆସିକା ତହସିଲଦାର ସଙ୍ଗୀତା ସେନ ଜବତ କରିଥିଲେ। ଗାଡି ପିଛା ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ଛଡାଯାଇଛି। ବେଆଇନ ବାଲି ଚାଲାଣ ସମ୍ପର୍କରେ ଖବର ପାଇ ତହସିଲଦାର ଗାଡିଗୁଡିକୁ ଅଟକାଇଥିଲେ। ଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ଜରିମାନା କରାଯାଇଥିଲା।

### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ଫଟୋ ଭାଇରାଲ କରି ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି, ୨୬।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅନ୍ତର୍ଗତ ଏକ ଗାଁର ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ସବୁବେଳେ ପିଛା କରି ତାଙ୍କୁ ଆପତ୍ତିଜନକ ମନ୍ତବ୍ୟ ଦେବା, ଅସଦାଚରଣ ପ୍ରଦର୍ଶନ କରିବା ଏବଂ ତାଙ୍କ ସହ ଥିବା ଫଟୋକୁ ଏଡିଟିଂ କରି ସାମାଜିକ ଗଣମାଧମରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ସେହି ଗାଁର ଅଭିଯୁକ୍ତ ମନୋଜ ନାଇକ ଓରଫ ରାଜାଙ୍କୁ ମଙ୍ଗଳବାର ଗିରଫ କରି ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୪୬୬/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଛାତ୍ରୀ ଜଣକ ଗାଁ ନିକଟସ୍ଥ ହାଇସ୍କୁଲକୁ ପଢିବା ପାଇଁ ଯାଉଥିବା ବେଳେ ମନୋଜ ତାଙ୍କୁ ପିଛା କରି ନିରୋଳା ରାସ୍ତାରେ ଅଶ୍ଳୀଳ ବ୍ୟବହାର କରୁଥିଲେ। ସେ ଛାତ୍ରୀଙ୍କୁ ତାଙ୍କ ସହ ଫଟୋ ଉଠାଇବାକୁ ବାଧ କରୁଥିଲେ। ସେ ମନା କରିବାରୁ ତାଙ୍କ ସହ ଫଟୋ ନ ଉଠାଇଲେ ସେ ତାଙ୍କ ବାପାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଛାତ୍ରୀ ଜଣକ ଭୟଭୀତ ହୋଇ ତାଙ୍କ ସହ ଫଟୋ ଉଠାଇଥିଲେ। ଏହି ଫଟୋକୁ ମନୋଜ ଏଡିଟିଂ କରି ତାହାକୁ ମୋବାଇଲ ଫୋନ୍ ଯୋଗେ ଭାଇରାଲ କରିଥିଲେ। ତାହା ପ୍ରଘଟ ହେବା ପରେ ଛାତ୍ରୀଙ୍କ ପରିବାର ପକ୍ଷରୁ ତାଙ୍କ ମାଆ ମଙ୍ଗଳବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ମାମଲା ରୁଜୁ କରି ଏହାର ତଦନ୍ତ କରି ମନୋଜଙ୍କୁ ଗିରଫ କରିଥିଲେ। ମନୋଜଙ୍କ ମୋବାଇଲ ଫୋନକୁ ପୋଲିସ ଜବତ କରିଛି।

# ଖରିଫ ସରିଲା, ରବି ପାଇଁ ଚିନ୍ତା ବଢ଼ିଲା

### ଖସଡ଼ା ପ୍ରସ୍ତୁତିରେ ବିଳମ୍ବ କରୁଛି କୃଷି ବିଭାଗ

ବ୍ରହ୍ମପୁର, ୨୬।୧୧(ଅଶୋକ କୁମାର ସାହୁ)

ଖରିଫ ଋତୁ ସରି ଆସୁଛି। ଚଳିତବର୍ଷ ପାଣି ଅଭାବରୁ ଜିଲାର କେତେକ ବ୍ଲକରେ ଫସଲ ପ୍ରଭାବିତ ହୋଇଛି। ତଥାପି କଷ୍ଟେମଷ୍ଟେ ଚାଷୀ ଭଲ ଅମଳ କରିଛି। ବିଭିନ୍ନ ବିଭାଗକୁ ନେଇ ଜିଲା ପ୍ରଶାସନର ପ୍ରାଣମୂର୍ଚ୍ଛା ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଖରିଫ ଫସଲ ଅମଳ ବର୍ତ୍ତମାନ ଚାଲିଥିବାବେଳେ ରବି ଫସଲ କିଭଳି କରାଯିବ ତାକୁ ନେଇ ଚିନ୍ତା ବଢ଼ିଯାଇଛି। ଏଭଳି ସ୍ଥିତିରେ କୃଷି ବିଭାଗ ପକ୍ଷରୁ ଏଯାଏଁ ଖସଡା ପ୍ରସ୍ତୁତି ହୋଇପାରିନାହିଁ। ଜମିକୁ ଜଳସେଚିତ କରିବାକୁ ଦାୟିତ୍ୱ ନେଇଥିବା ବିଭାଗ ଗୁଡିକ ପକ୍ଷରୁ ରିପୋର୍ଟ ମିଳିନଥିବାରୁ ବିଳମ୍ବ ହେଉଥିବା କୃଷି ବିଭାଗ ସଫେଇ ଦେଇଛି। ଧାନ କଟା ପରେ ରବି ଋତୁରେ ଚାଷୀ ମୁଗ, ବିରି, ଚିନାବାଦାମ, ମକା, ମାଣ୍ଡିଆ, ରାଶି, କୋଳଥ ଓ ପନିପରିବା ଭଳି ଫସଲ କରିଥାନ୍ତି। ଗତବର୍ଷ ଜିଲାରେ ୨ ଲକ୍ଷ ୨୨ ହଜାର ୨୨୦ ହେକ୍ଟର ଜମିରେ ରବି ଫସଲ ଲକ୍ଷ୍ୟଧାର୍ଯ୍ୟ ଥିଲା। ଚଳିତବର୍ଷ ପାଣି ଅଭାବକୁ ଆଖି ଆଗରେ ରଖି କୃଷି ବିଭାଗ ପକ୍ଷରୁ ୨ ଲକ୍ଷ ୨୦ ହଜାର ୧୭୦ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉକ୍ତ ଫସଲକୁ ପାଣି ଯୋଗାଇବା ସମସ୍ୟା ହୋଇଛି। ବ୍ୟକ୍ତିଗତ ଜଳସେଚନକୁ ଛାଡି ଜଳସେଚନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ଓ ଉଠା ଜଳସେଚନ ନିଗମ ପକ୍ଷରୁ କେତେ ପାଣି ଯୋଗା ଯାଇପାରିବ ତାହାର ଆକଳନ କରାଯାଇପାରୁନାହିଁ। ବର୍ତ୍ତମାନ ଜିଲାର ସମସ୍ତ ଜଳଭଣ୍ଡାର ଶୁଖିଲା ପଡିଛି। ଦୀର୍ଘଦିନ ଧରି ବର୍ଷା ନହେବାରୁ ଅନେକ ଜଳ ଭଣ୍ଡାରରୁ ଖରଫ ଫସଲ ବଞ୍ଚାଇବା ପାଇଁ ପାଣି ଛାଡି ଦିଆଯାଇଛି। ତେଣୁ ଜଳସେଚନ ବିଭାଗ ପକ୍ଷରୁ ପାଣି ମିଳିବା ଆଶା କ୍ଷୀଣ ହୋଇଯାଇଥିବା ଅନେକ ଚାଷୀ ପ୍ରକାଶ କରିଛନ୍ତି। ତେଣୁ ସେହି ଅନୁସାରେ କେଉଁ ଫସଲ କରାଯିବ ତାକୁ ନେଇ କୃଷି ବିଭାଗ ଚିନ୍ତା ପ୍ରକଟ କରିଛି। ୭ ଦିନ ଭିତରେ ଜଳସେଚନ ବିଭାଗକୁ କେତେ ପାଣି ସେମାନେ ଯୋଗାଇ ପାରିବେ ତାହାର ରିପୋର୍ଟ ଦେବାକୁ ଚିଠି କରାଯାଇଛି। ପରେ ତାକୁ ନେଇ ଖସଡା ପ୍ରସ୍ତୁତ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି। ଗତବର୍ଷଠାରୁ ଚଳିତବର୍ଷ ଧାର୍ଯ୍ୟଲକ୍ଷ୍ୟ ୨ ହଜାର ୫୦ ହେକ୍ଟର କମାଇ ଦିଆଯାଇଛି। ସେହି ଅନୁସାରେ ମୁଗ ୧ ଲକ୍ଷ ୩୦ ହଜାର ୬୦୦ ହେକ୍ଟର, ବିରି ୨୧ ହଜାର ୮୧୦, କୋଳଥ ୩ ହଜାର ୭୦୦ ହେକ୍ଟର, ଅନ୍ୟ ଡାଲି ଜାତୀୟ ଫସଲ ୬୭୫୦, ମକା ୨୦୦୦, ଚିନାବାଦାମ ୮୪୮୦, ପନିପରିବା ୧୯ ହଜାର ୭୮୦ ଓ ଲଙ୍କା ୪ହଜାର ୯୦ ହେକ୍ଟରରେ ଚାଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ୫୦ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି। ବାକି ଅଞ୍ଚଳକୁ କିଭଳି ଜଳସେଚିତ କରାଯାଇପାରିବ ତାହାର ରିପୋର୍ଟ ଏଯାଏଁ ହସ୍ତଗତ ହୋଇପାରିନାହିଁ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, କୃଷି ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ବିହନ ଯୋଗାଣ ନିଗମ ପକ୍ଷରୁ ପର୍ଯ୍ୟାୟକ୍ରମେ ବିହନ ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ଡିସେମ୍ବର ୧୫ ସୁଦ୍ଧା ଖରିଫ ଫସଲ ଅମଳ ସରିବ। କେବଳ ଜଳସେଚନ ବିଭାଗ ପକ୍ଷରୁ ରିପୋର୍ଟ ଆସିଲେ କେଉଁଠି କେଉଁ ପ୍ରକାର ଫସଲ କରାଯିବ ତାହା ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।


ପାତ୍ରପୁର ଅଞ୍ଚଳରେ ହୋଇଥିବା ଚିନାବାଦାମ ଚାଷ

## ୨ ସାଙ୍ଗଙ୍କୁ ଆଜୀବନ କାରାଦଣ୍ଡ

### ଧୁମୁଛାଇ ସନ୍ତୋଷ ହତ୍ୟା ମାମଲା

ଭଞ୍ଜନଗର, ୨୬।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଧୁମୁଛାଇ ଗ୍ରାମର ସନ୍ତୋଷ ନାୟକ (୨୨) ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୭ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ୨ ସାଙ୍ଗ କାଳିଆ ନାୟକ ଓ ସୁଦର୍ଶନ ନାୟକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବେ । ଯଦି ଜରିମାନା ଅର୍ଥ ଆଦାୟ ହୁଏ, ତାହାକୁ ସନ୍ତୋଷଙ୍କ ବାପା ଶତ୍ରୁଘ୍ନ ନାୟକଙ୍କୁ ପ୍ରଦାନ କରାଯିବ ବୋଲି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦ ଜାନୁୟାରୀ ୨୪ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ସନ୍ତୋଷ ଭଞ୍ଜନଗରରୁ ନିଜ ଘର ଧୁମୁଛାଇକୁ ଫେରୁଥିଲେ। ଗ୍ରାମ ଛକରେ ତାଙ୍କର ୨ ସାଙ୍ଗ ଡିମିରିପଲ୍ଲୀର କାଳିଆ ଓ ଧୁମୁଛାଇର ସୁଦର୍ଶନ ତାଙ୍କୁ ଅଟକାଇଥିଲେ। ସେମାନେ କୌଣସି ସାମାନ୍ୟ କଥାକୁ ନେଇ ସନ୍ତୋଷଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସୁଦର୍ଶନ ତାଙ୍କୁ ଭିଡ଼ି ଧରିଥିବା ବେଳେ କାଳିଆ ନିଜ ଗାଡ଼ି ଡିକିରୁ ପେଟ୍ରୋଲ ବାହାର କରି ସନ୍ତୋଷଙ୍କ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ସନ୍ତୋଷ ଜଳୁଥିବା ଅବସ୍ଥାରେ ନିଜ ଘରକୁ ଦୌଡ଼ି ପଳାଇଥିଲେ। ପରିବାର ଲୋକେ ତାଙ୍କୁ ମେଡ଼ିକାଲକୁ ଆଣିଥିଲେ। ଦୀର୍ଘଦିନ ଧରି ବିଭିନ୍ନ ମେଡିକାଲରେ ଚିକିତ୍ସା ସତ୍ତ୍ୱେ ୨୦୨୦ ମାର୍ଚ୍ଚ ୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତତ୍କାଳୀନ ସରପଞ୍ଚ ମନୋଜ ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ତ୍ରିନାଥ ମଲିକ, ଗୋପାଳ ତ୍ରିପାଠୀ ମକଦ୍ଦମା ପରିଚାଳନା କରୁଥିଲେ।

## ଆମ୍ ଆଦମୀ ପାର୍ଟିର ବାଇକ୍ ଶୋଭାଯାତ୍ରା

ବ୍ରହ୍ମପୁର, ୨୬।୧୧
(ଅଶୋକ କୁମାର ସାହୁ)

ଆମ୍ ଆଦମୀ ପାର୍ଟିର ୧୩ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଗେଟ ବଜାର ପାର୍ଟି କାର୍ଯ୍ୟାଳୟରୁ ଏକ ବାଇକ ଶୋଭାଯାତ୍ରା ବାହାରି ଥିଲା। ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ସ୍ଲୋଗାନ ଦେଇ, ଲୋକଙ୍କୁ ନିଜର ସାମ୍ବିଧାନିକ ଅଧିକାର ପାଇବା ପାଇଁ ଜନସାଧାରଣ ଏକ ହୁଅ ବୋଲି ଜିଲା ସାଧାରଣ ସମ୍ପାଦକ ଆଦିତ୍ୟ ନାରାୟଣ ରଥ ଲୋକଙ୍କୁ ସଚେତନ କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଅତିଥି ରହି ସମ୍ବିଧାନର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ । ଜିଲା ଆବାହକ ସୁବାସ ରାଉତ ଶୋଭାଯାତ୍ରାର ନେତୃତ୍ୱ ନେଇ ଆଗାମୀ ଦିନରେ ପାର୍ଟିକୁ ମଜଭୁତ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଦେଇଥିଲେ । ଏଥିରେ ଶତାଧିକ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

## ସାମାଜିକ ନ୍ୟାୟ, ଗରିବଙ୍କ କଲ୍ୟାଣ ସମ୍ବିଧାନର ମୂଳ ଲକ୍ଷ୍ୟ

ବ୍ରହ୍ମପୁର, ୨୧।୧୧(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପୌର ଅତିଥି ଭବନ ପରିସରରେ ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ସଂସଦର ସାଧାରଣ ସମ୍ପାଦକ ଡା ସାଗର ରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ। ସଭାପତି ତଥା ବରିଷ୍ଠ ଶିକ୍ଷାବିତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲା ବିଜେଡି ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭାରତର ସମ୍ବିଧାନ ସମସ୍ତଙ୍କୁ ମୌଳିକ ଅଧିକାର ଦେଇଛି ବୋଲି ମୁଖ୍ୟ ଅତିଥି କହିଥିଲେ। ସାମାଜିକ ନ୍ୟାୟ ଓ ଗରିବ ଲୋକଙ୍କ କଲ୍ୟାଣ ସମ୍ବିଧାନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରୂପେ ବିଜେଡି ନେତା ସୁବାଷ ମହାରଣା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବରିଷ୍ଠ ନେତା ଅରୁଣ ପଣ୍ଡା ଓ ବିଶିଷ୍ଟ ଶିକ୍ଷାବିତ ବିରୂପାକ୍ଷ ଦାଶ ଯୋଗ ଦେଇଥିଲେ। ରାଜ୍ୟସ୍ତରରେ ବିଶ୍ୱନାଥ ଦାସଙ୍କ ଜୟନ୍ତୀ ପାଳନ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। କବି ହୃଷୀକେଶ ଦାଶ ସମ୍ବିଧାନ ନିର୍ମାଣ ସମ୍ପର୍କରେ କବିତା ପାଠ କରିଥିଲେ। ରମା ରମଣ ପ୍ରହରାଜ, ବାବୁଲା ପାତ୍ର, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଓଏସଆରଟିସି କର୍ମଚାରୀ ମହାସଂଘର ଧାରଣା

ବ୍ରହ୍ମପୁର, ୨୬।୧୧
(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଓଡିଶା ରାଜ୍ୟ ସଡ଼କ ପରିବହନ (ଓଏସଆରଟିସି) କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ସଂଘର ବ୍ରହ୍ମପୁର ଶାଖା ପକ୍ଷରୁ ୭ ଦଫା ଦାବି ସମୂହକୁ ନେଇ ମଙ୍ଗଳବାର ବ୍ରହ୍ମପୁର ସ୍ଥିତ ଓଏସଆରଟିସି କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯାଇଛି। ଏଥିରେ ରାଜ୍ୟ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂଘର ଦାବି ଗୁଡିକ ମଧ୍ୟରେ ୨୦୧୮ରୁ ଆକ୍ରୋଶମୂଳକ ଭାବେ ଶିକାର ହୋଇଥିବା କର୍ମଚାରୀଙ୍କ ବଦଳି ଓ ବହିଷ୍କାର ଆଦେଶକୁ ପ୍ରତ୍ୟାହାର, ଚିଠି ସଂଖ୍ୟା ୧୪୪୬୯/୭୮୫୪କୁ ତୁରନ୍ତ କାର୍ଯ୍ୟକାରୀ, ସପ୍ତମ ବେତନ କମିଶନ ଆଧାରରେ କର୍ମଚାରୀଙ୍କୁ ଦରମା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ୭ଦିନ ମଧ୍ୟରେ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଓ ଅତିରିକ୍ତ ଶାସନ ସଚିବଙ୍କ ନିକଟରେ ପ୍ରଦାନ କରାଯାଇଥିବା ଅଭିଯୋଗକୁ ତଦନ୍ତ କରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସଂଘ ପକ୍ଷରୁ ଓଏସଆରଟିସି ବ୍ରହ୍ମପୁର (ଖଣ୍ଡୀୟ ପରିବହନ ପରିଚାଳକ) ଡିଟିଏମ ଶାନ୍ତନୁ କୁମାର ମିଶ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୫ ତାରିଖରେ ମହାସଂଘ ପକ୍ଷରୁ ଓଏସଆରଟିସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି।

## ରାଷ୍ଟ୍ରୀୟ ସମ୍ପ୍ରଦାୟ ସଦଭାବ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର, ୨୬।୧୧(ସ୍ୱାଧୀନ ଶେଖର ପାଢ଼ୀ)

ରାଷ୍ଟ୍ରୀୟ ସମ୍ପ୍ରଦାୟ ସହଭାବ ସଚେତନତା କାର୍ଯ୍ୟକ୍ରମ ସୋମବାର ସରିଛି। ପୁରୁଣା ବ୍ରହ୍ମପୁର ରାମାଧୀନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼. ହରିହର ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତି, ଧର୍ମ ସମ୍ପ୍ରଦାୟରୁ ଉର୍ଦ୍ଧ୍ୱରେ ରହି ଆସିଥିବା ଭାରତୀୟ ସଂହତି ପାଳନ ଦ୍ୱାରା ସମାଜରେ ଶାନ୍ତି ଓ ସଦଭାବ ବଜାୟ ରହିବ ବୋଲି କହିଥିଲେ। ବରିଷ୍ଠ ସାହିତ୍ୟ ବିଭାଗ ଅଧ୍ୟାପକ ଡ଼ ବିଷ୍ଣୁ ପ୍ରସାଦ ଦାସ, ଓଡ଼ିଆ ଅଧ୍ୟାପିକା ପ୍ରୀତିସ୍ମିତି ମିଶ୍ର, ବ୍ୟାକରଣ ଅଧ୍ୟାପକ ଶୁଭ୍ରାଂଶୁ ଶତପଥି ଭାରତୀୟ ସଦଭାବ ସଚେତନତା ଉପରେ ଆଲୋକପାତ କରିଥିଲେ। ଇତିହାସ ଅଧ୍ୟାପିକା ଜୟଶ୍ରୀ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଅମିତ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଗୋପାଳପୁର କଲେଜରେ ପ୍ଲାଷ୍ଟିକ ବର୍ଜନ ସଚେତନତା



ଅତିଥିଙ୍କ ଗହଣରେ ଏନସିସି କ୍ୟାଡେଟମାନେ।

ବ୍ରହ୍ମପୁର ୨୬।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଗୋପାଳପୁର କଲେଜ ଏନସିସି ପକ୍ଷରୁ ବେଳାଭୂମି ଠାରେ ପ୍ଲାଷ୍ଟିକ ବର୍ଜନ ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ସମ୍ମାନନୀୟ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ସମାଜସେବୀ ପଞ୍ଚୁ ବେହେରା ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ବିଭିନ୍ନ ଉଦାହରଣ ଦେବା ସହ ପ୍ଲାଷ୍ଟିକ ବର୍ଜନ କରିବା ଉପଦେଶ ଦେଇଥିଲେ । କଲେଜ ଅଧ୍ୟକ୍ଷ ଡ଼. ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼. ମନୋଜ ପଟ୍ଟନାୟକ, ଡ଼. ପ୍ରଦୀପ୍ତ କୁମାର ପଟ୍ଟନାୟକ, ସୁପ୍ରିୟା ପଟ୍ଟନାୟକ, ଯୋଗେନ୍ଦ୍ର କୁମାର ସାହୁ, ଅନିଲ ଯାଦବ, ଡ଼ି. ଲାଛେୟା ପ୍ରମୁଖ ଯୋଗ ଦେଇଥିଲେ । ବି.ସ୍ମୃତି ରାଉଳ, କେ. ସ୍ୱପ୍ନା, ଏ. ଝାନସୀ ରାଓ, ଦେବକୀ ରେଡି ପ୍ରମୁଖ ପଥପ୍ରାନ୍ତ ନାଟକରେ ପ୍ଲାଷ୍ଟିକ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ, ଜୀବଜନ୍ତୁଙ୍କ ଉପରେ କୁପ୍ରଭାବ ଉପରେ ଅଭିନୟ କରି ପ୍ଲାଷ୍ଟିକ ମୁକ୍ତ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ । ଯୁବ ରେଡ୍‌କ୍ରସର ଉପଦେଷ୍ଟା ଡ଼. ରାମ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏନସିସି ଅଫିସର ଅପରାଜିତା ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍‌ରେ ପିଟିହେଲା ବାଇକ୍, ଜଣେ ମୃତ

ରମ୍ଭା, ୨୬।୧୧(ବନବାସୀ ସେଠୀ)

ରମ୍ଭା ପାଟଣା ଗୌଡ଼ ସାହିର ୨ଜଣ ଗୋଟିଏ ବାଇକ୍ (ନଂ.ଓଡ଼ି ୦୭ ଏଜି ୩୦୨୯)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଅଗସ୍ତି ନୂଆଗାଁ ପାଖରେ ଏକ ଟ୍ରକ୍ ପଛରେ ପିଟି ହୋଇଥିଲେ। ଫଳରେ ୨ ବାଇକ୍ ଆରୋହୀଙ୍କ ମଧ୍ୟରୁ ରମ୍ଭା ପାଟଣା ଗୌଡ଼ ସାହିର ରଞ୍ଜନ ଗୌଡ଼ (୨୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଦଣ୍ଡପାଣି ପଲେଇ ଗୁରୁତର ଆହତ ହୋଇଛନ୍ତି।

## ଗାଡ଼ି ଡିକିରୁ ୧ଲକ୍ଷ ୭୦ହଜାର ଲୁଟ୍

ବ୍ରହ୍ମପୁର, ୨୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଗାନ୍ଧୀନଗର ସିମେଣ୍ଟ ଦୋକାନ ନିକଟରେ ନିଜ ବାଇକ ଡିକିରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ନେଇ ଲକ୍ଷ୍ମଣ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୫୪/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏସବିଆଇରୁ ଲକ୍ଷ୍ମଣ ଟଙ୍କା ଉଠାଉ ଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଟାର୍ଗେଟ କରି ଏଭଳି କାଣ୍ଡ କରିଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିବା ସହ ଲୁଟେରାଙ୍କୁ ଧରିବା ଦିଗରେ ପ୍ରୟାସ ଜାରି ରଖିଛି। ଟାଉନ ଥାନା ଅମ୍ବିକା ନଗର ଦ୍ୱିତୀୟ ଲାଇନରେ ରହୁଥିବା ଲକ୍ଷ୍ମଣ ଗତ ୨୫ ତାରିଖରେ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇଥିଲେ। ସେଠାରୁ ସେ କୌଣସି କାମ ପାଇଁ ୧ଲକ୍ଷ ୭୦ ହଜାର ଟଙ୍କା ଉଠାଇଥିଲେ। ସେ ଉକ୍ତ ଟଙ୍କା ନିଜ ବାଇକରେ ରଖି ଗାନ୍ଧୀନଗର ୧୦ମ ଲାଇନରେ ଥିବା ଏକ ସିମେଣ୍ଟ ଦୋକାନ ବାହାରେ ନିଜର ଗାଡି ପାର୍କିଂ କରି ଦୋକାନ ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ବାଇକ ନିକଟକୁ ଆସି ଦେଖିବା ବେଳେ ଗାଡିର ଡିକି ଭଙ୍ଗାଯାଇଛି। ସେଥିରେ ଥିବା ଉକ୍ତ ଟଙ୍କା ଗାଏବ ହୋଇଯାଇଥିଲା।

## ସମୀକ୍ଷା ବୈଠକରେ ୨ ଏବିଇଓ ହାତାହାତି

ପାତ୍ରପୁର, ୨୬।୧୧(ଉମା ଚରଣ ନେପାକ)

ପାତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ମାସିକ ସମୀକ୍ଷା ବୈଠକରେ ୨ଜଣ ଏବିଇଓ ହାତାହାତି ହୋଇଛନ୍ତି। ବୈଠକ ଆରମ୍ଭ ହେବାର କିଛି ସମୟ ପରେ ଦୁଇ ଏବିଇଓ ସୀମାଞ୍ଚଳ ପାଇକ ଓ ବଂଶୀଧର ମଲ୍ଲିକ ପରସ୍ପର କଥା କଟାକଟି ହୋଇ ହତାହାତି ପର୍ଯ୍ୟନ୍ତ ଚାଲିଯାଇଥିଲେ। ବିଇଓ ସ୍ୱରୂପ ରଞ୍ଜନ ମହାନ୍ତି ଉଭୟଙ୍କୁ ବାରଣ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଜଣେ ମୁଁ ବଡ଼, ତୁ କିଛି ଜାଣିନୁ ବୋଲି କହିବା ବେଳେ ଆର ଜଣକ ମୁଁ ତୋଠାରୁ ଅଧିକ ଜାଣିଛି ବୋଲି କହୁଥିବା ଶୁଣିବାକୁ ମିଳିଥିଲା। ଏନେଇ ଏବିଇଓ ମଲ୍ଲିକ କହିଛନ୍ତି ଯେ, ଏବିଇଓ ପାଇକ ପାତ୍ରପୁର ବିଇଓଙ୍କ କାର୍ଯ୍ୟାଳୟରେ ରହି ଏକ ଦଳ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମୁଁ ଏବିଇଓ ଭାବେ ପଦୋନ୍ନତି ପାଇ ପାତ୍ରପୁର ବ୍ଲକକୁ ଆସିବା ପରେ ମତେ ତାଙ୍କ ପ୍ରରୋଚନାରେ ଦୀର୍ଘ ୧୦ ମାସ ବସେଇ ରଖି ତାପରେ ଏବିଇଓ ଦାୟିତ୍ୱ ମିଳିଥିଲା। ଦାୟିତ୍ୱ ପାଇବା ପରେ ଜଣେ ଅଧିକାରୀ ଭାବେ ମୁଁ ଆକସ୍ମିକ ଭାବେ ଅନେକ ସ୍କୁଲ ଗସ୍ତ କରୁଛି ଯାହାକୁ ପାଇକ ବିରୋଧ କରୁଛନ୍ତି ବୋଲି ମଲ୍ଲିକ ଅଭିଯୋଗ କରିଛନ୍ତି। ବୈଠକରେ ପାଇକ ମୋତେ ତୁ କ'ଣ ମନଇଚ୍ଛା ବିଦ୍ୟାଳୟଗୁଡିକୁ ଗସ୍ତ କରୁଛୁ କହି ମୋତେ ଅପମାନିତ କରିଥିଲେ ବୋଲି କହିଛନ୍ତି । ତେବେ ଘଟଣା ନେଇ ଏବିଇଓ ପାଇକ ବୈଠକରେ ଗଣ୍ଡଗୋଳ କଥାକୁ ଖଣ୍ଡନ କରିଛନ୍ତି। ଘଟଣାକୁ ନେଇ ପାତ୍ରପୁର ବିଇଓ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ବୈଠକରେ ସେମିତି କିଛି ହୋଇନାହିଁ। ଖାଲି ଉଭୟେ ବିଭିନ୍ନ ବିଷୟକୁ ନେଇ ବଡ଼ ପାଟିରେ କଥାବାର୍ତ୍ତା କରିଥିଲେ ବୋଲି କହିଛନ୍ତି ।

## ଖୋ ଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ଦିଗପହଣ୍ଡି/ପାଟପୁର, ୨୬।୧୧
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡ଼ିଆରେ ଯୁକ୍ତ ୨ ବର୍ଗର ଜୋନାଲସ୍ତରୀୟ ପୁରୁଷ ବିଭାଗ ଖୋ ଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ପ୍ରଦୀପ କୁମାର ବ୍ରହ୍ମା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା, କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ସ୍ୱାଇଁ , ସହଯୋଗୀ ଅଧ୍ୟାପକ ପ୍ରଦୀପ ବୈଠାରୁ ଯୋଗଦେଇ ଖୋ ଖୋ ଖେଳ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ୨୩ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ସୋର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁଣ୍ଡମରାଇ ସୋମନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରିଛି।

## ଥାଲେସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଦାବି

ବ୍ରହ୍ମପୁର, ୨୬।୧୧(ସୁବାସ ଚନ୍ଦ୍ର ପଢି)

ଏମ୍‌କେସିଜି ମେଡିକାଲରେ ନିୟମିତ ଚିକିତ୍ସିତ ହେଉଥିବା ଥାଲାସେମିଆ ଓ ସିକଲସେଲ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲିବାକୁ ଦାବି ହୋଇଛି । ମଙ୍ଗଳବାର ଶତାଧିକ ଥାଲାସେମିଆ ରୋଗୀ ଓ ସେମାନଙ୍କ ଅଭିଭାବକ ଏମ୍‌କେସିଜି ଡିନ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି, ଏମକେସିଜି ମେଡିକାଲ ଉପରେ ଗଞ୍ଜାମ ସମେତ ଆଖାପାଖ ଜିଲାର ୮୦୦ରୁ ଅଧିକ ଥାଲାସେମିଆ ରୋଗୀ ନିର୍ଭର କରୁଛନ୍ତି। ସେମାନେ ନିୟମିତ ଏମକେସିଜି ରକ୍ତ ଭଣ୍ଡାରରୁ ଆବଶ୍ୟକ ରକ୍ତ ଗ୍ରହଣ କରୁଛନ୍ତି। ହେଲେ ରକ୍ତ ଗ୍ରହଣ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ନାନାପ୍ରକାର ସମସ୍ୟା ଭୋଗିବାକୁ ପଡୁଛି । ୧୪ ବର୍ଷରୁ ଅଧିକ ବୟସର ରୋଗୀଙ୍କୁ କାଜୁଆଲିଟିକୁ ପଠାଯାଉଛି । କାଜୁଆଲିଟିରେ ରୋଗୀଙ୍କ ଭିଡ ରହିଥିବାରୁ ରକ୍ତ ଦେବାରେ ସମସ୍ୟା ହେଉଛି। ଏମକେସିଜିରେ ହେମାଟୋଲୋଜି ବିଭାଗ ନାହିଁ । ରୋଗୀଙ୍କ ସମସ୍ୟା ଦୂର ପାଇଁ ଏମକେସିଜିରେ ଏକ ସ୍ୱତନ୍ତ୍ର ୱାର୍ଡ ନଚେତ ଡେ-କେୟାର ସେଣ୍ଟର ଖୋଲିବାକୁ ରାଜ୍ୟ ଥାଲାସେମିଆ ଓ ସିକଲସେଲ ସମିତିର ସମ୍ପାଦକ ଦୀପକ କୁମାର ଜାଲି ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ ପରେ ଏମକେସିଜିର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସୁଚିତ୍ରା ଦାସ କାଜୁଆଲିଟି କୋଠା ଉପରେ ଥିବା ଏକ କୋଠରୀରେ ସ୍ୱତନ୍ତ୍ର ୱାର୍ଡ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।



ଓଡ଼ିଶା ରକ୍ତ କେନ୍ଦ୍ର ସମ୍ମୁଖରେ ଥାଲାସେମିଆ ଓ ସିକଲସେଲ ରୋଗୀ ଓ ସମ୍ପର୍କୀୟ।

